ପ୍ରେସ୍ ନୋଟ୍

# ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର ।

ଅନୁଗୋଳ ତା. ୪.୧୦ : - ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଉପବିଭାଗ ଆନୁକୁଲ୍ୟରେ 'ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର' ଅନୁଗୋଳ ବ୍ଲକ୍ ସଭାଘର ଠାରେ ଆଜି ଆୟୋଜିତ ହୋଇଯାଇଛି ।ଏହି ଶିବିରକୁ ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଅରବିନ୍ଦ କୁମାର ବେହେରା ସଭାପତିତ୍ୱ କରିଥିଲେ । ଜନସାଧାରଣଙ୍କ ଆର୍ଥିକ ସାକ୍ଷରତା ଓ ସଞ୍ଚୟ ମନୋବୃତ୍ତି କିପରି ବୃଦ୍ଧି ପାଇବ ଏହା ହେଉଛି ଏହି ଶିବିରର ମୁଳ ଲକ୍ଷ୍ୟ । ଏହି ଶିବିରରେ ଜିଲ୍ଲା ଟ୍ରେଜେରୀ ଅଫିସର ଶ୍ରୀମତୀ ଜୟନ୍ତୀ ବିଶ୍ୱାଳ ଯୋଗ ଦେଇ ଅବସରକାଳିନ ଆର୍ଥିକ ପରିଚାଳନା ଉପରେ ଆଲୋକପାତ କରିଥିଲେ ।ସେହିପରି ଡାକ ବିଭାଗର ବିଭିନ୍ନ ଆର୍ଥିକ ଯୋଜନା ଓ ତା ର ସୁଫଳ ଉପରେ ଡାକ ବିଭାଗ ଅଧିକାରୀ ଶ୍ରୀ ଶିବ ପ୍ରସାଦ ବେହେରା ଆଲୋକପାତ କରିଥିଲେ । ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ଶ୍ରୀ ଜଗନ୍ନାଥ ସେନାପତି ଗ୍ରାମାଞ୍ଚଳରେ କିପରି ସ୍ୱଳ୍ପ ସଞ୍ଚୟରେ ଅଭିବୃଦ୍ଧି ଘଟିବ ଓ ସେହି ଦିଗରେ କିପରି ପ୍ରଚାର,ପ୍ରସାର ହୋଇପାରିବ ସେ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ଶେଷରେ ୟୁକୋ ବ୍ୟାଙ୍କର ସିନିୟର ମ୍ୟାନେଜର ତଥା ସହକାରୀ ଏଲ୍ ଡି ଏମ୍ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଜିଲ୍ଲାରେ କିପରି ପ୍ରତି ପଞ୍ଚାୟତରେ ବ୍ୟାଙ୍କ ସହାୟକ କେନ୍ଦ୍ର ଖୋଲିପାରିବ ଓ ଜନସାଧାରଣ କିପରି ସାଇବରଜନିତ ଠକାମିରୁ ନିବୃତ୍ତ ରହିପାରିବେ ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱଳ୍ପ ସଞ୍ଚୟ କୁପନ ବିଜେତାମାନଂକୁ ପୁରସ୍କୃତ କରାଯାଇଥିଲା । ଆଜିର ସଞ୍ଚୟ ଆସନ୍ତାକାଲିର ଭବିଷ୍ୟତ ଏହି ଉକ୍ତି ଉପସ୍ଥିତ ଥିବା ସଦସ୍ୟମାନଂକୁ ବୁଝାଇ ଥିଲେ, ଯାହା ଆଗାମୀ ଦିନରେ ଗ୍ରାମାଞ୍ଚଳରେ ପ୍ରଚାର ପ୍ରସାର ଲାଭ କରିବ ।

OPPO Reno7 5G
DIPRO ANGL | 2023.10.04 19:18


ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର


ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର




ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର